**ଓଡ଼ିଶା ସରକାର**

**କୃଷି ଓ କୃଷକ ସଶକ୍ତିକରଣ ବିଭାଗ**

*****

## <u>ଅଧିସୂଚନା</u>

**୩୦ ଜାନୁଆରୀ, ୨୦୨୫, ଭୁବନେଶ୍ୱର**

No. DHO-NHM-PLAN-0001-2025 ୨୪୬୭ /A&FE

ତା ୨୨.୦୧.୨୦୨୫ ରିଖରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ମନ୍ତ୍ରୀମଣ୍ଡଳର ୧୪ ତମ ବୈଠକରେ "ଶୀତଳ ଭଣ୍ଡାର ପାଇଁ ଆର୍ଥିକ ସହାୟତା" ଯୋଜନା ନିମନ୍ତେ ପାଣ୍ଠି ବ୍ୟବସ୍ଥାର ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ।

**୧ . ଉପକ୍ରମ**

"**ଶୀତଳ ଭଣ୍ଡାର ପାଇଁ ଆର୍ଥିକ ସହାୟତା**" ଯୋଜନା ରାଜ୍ୟର ୫୮ ଟି ଉପଖଣ୍ଡ ରେ ଅତି କମରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି । ରାଜ୍ୟରେ ସଂରକ୍ଷଣ ସୁବିଧାକୁ ମଜବୁତ କରିବା ପାଇଁ ଏହି ଯୋଜନା ପ୍ରଣୟନ କରାଯାଇଛି, ଯାହା ବେସରକାରୀ ଉଦ୍ୟୋଗୀଙ୍କୁ ଆର୍ଥିକ ସମ୍ଭାବନା ଦୃଷ୍ଟିରୁ ଶୀତଳ ଭଣ୍ଡାର ନ ଥିବା ସ୍ଥାନରେ ଶୀତଳ ଭଣ୍ଡାର ସ୍ଥାପନ କରିବାକୁ ଉତ୍ସାହିତ କରିବ। ଏହି ଯୋଜନା ଉନ୍ନତ ବଜାର ଦର ସୁଯୋଗ, କୃଷି ଓ ଉଦ୍ୟାନ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ଦ୍ରବ୍ୟର ମୂଲ୍ୟ-ଯୋଗ ଏବଂ ପ୍ରକ୍ରିୟାକରଣ, ଅମଳ ପରବର୍ତ୍ତୀ ଫସଲ କ୍ଷୟକ୍ଷତି ଓ ଅମଳ ହୋଇଥିବା ଫସଲର ଅଭାବୀ ବିକ୍ରୟ ହ୍ରାସ ଏବଂ ଶୀତଳ ଭଣ୍ଡାର ମାଧ୍ୟମରେ ମଧ୍ୟମ ଅବଧି ସଂରକ୍ଷଣ ସୁବିଧା ଯୋଗାଇ କୃଷକମାନଙ୍କ ପାଇଁ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିବ ।

**୨. ଯୋଜନାର ଯଥାର୍ଥତା**

ଫଳ ଓ ପନିପରିବା ଅମଳ ପରେ ପରିମାଣାତ୍ମକ ଏବଂ ଗୁଣାତ୍ମକ କ୍ଷତି କୃଷକଙ୍କ ଆୟକୁ ଯଥେଷ୍ଟ ପ୍ରଭାବିତ କରିଥାଏ | ଏହା ସ୍ପଷ୍ଟ ଯେ, ଅମଳ ପରବର୍ତ୍ତୀ କ୍ଷତି ପାଇଁ ଖରାପ ଭିତ୍ତିଭୂମି ଏବଂ ଉପଯୁକ୍ତ ଜ୍ଞାନ ର ଅଭାବ ପ୍ରମୁଖ ଭାବରେ ଦାୟୀ। ଏହି ପରିସ୍ଥିତିରେ, ଆୟ ବୃଦ୍ଧି କରିବା ଏବଂ ଫଳ ଏବଂ ପନିପରିବାର ମୁଣ୍ଡପିଛା ଉପଲବ୍ଧତା ବୃଦ୍ଧି ପାଇଁ ଅମଳ ପରବର୍ତ୍ତୀ ପରିଚାଳନା ହେଉଛି ବଳିଷ୍ଠ ପଦକ୍ଷେପ । ଉପଖଣ୍ଡ ସ୍ତରରେ ଏହିପରି ସୁବିଧା କୃଷକମାନଙ୍କୁ ଅମଳ ପରବର୍ତ୍ତୀ କ୍ଷତି ହ୍ରାସ କରି କୃଷିଜାତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କରିବାରେ ସକ୍ଷମ ହେବ ।

**୩. ସହାୟତାର ଢାଞ୍ଚା**

**କ.** ନୂତନ ଶୀତଳ ଭଣ୍ଡାର ଓ ବିଦ୍ୟମାନ ଶୀତଳ ଭଣ୍ଡାର (ରୁଗଣ/ ଅକାମୀ/ ଅଚଳ) ପାଇଁ ବିଭିନ୍ନ ଉପାଦାନଗୁଡ଼ିକରେ ଥିବା ଶୀତଳ ଭଣ୍ଡାର ପାଇଁ ସହାୟତାର ବିବରଣୀ ନିମ୍ନରେ ପ୍ରଦାନ କରାଯାଇଛି : -

| ସହାୟତାର ଢାଞ୍ଚା | ନୂତନ ଶୀତଳ ଭଣ୍ଡାର | ବିଦ୍ୟମାନ ଶୀତଳ ଭଣ୍ଡାର |
|---|---|---|
| ପୁଞ୍ଜି ବିନିଯୋଗ ସବସିଡି | କ. ସ୍ଥାୟୀ ପୁଞ୍ଜି ବ୍ୟୟର ୬୦% ସର୍ବାଧିକ ୨.୫୦କୋଟି ଟଙ୍କା ସବସିଡି ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ମହିଳା/ ତୃତୀୟ ଲିଙ୍ଗ ହିତାଧିକାରୀ ଏବଂ ଅନୁସୂଚିତ ଅଞ୍ଚଳର ହିତାଧିକାରୀ ଙ୍କୁ ପ୍ରଦାନ କରାଯିବ।<br>ଖ. ସ୍ଥାୟୀ ପୁଞ୍ଜି ବ୍ୟୟର ୫୦% ସର୍ବାଧିକ ୨.୦୦ | ପ୍ରଯୁଜ୍ୟ ନୁହେଁ |

<table>
<tr><td></td><td>କୋଟି ଟଙ୍କା ସବସିଡି ଅନ୍ୟାନ୍ୟ ହିତାଧିକାରୀ ଙ୍କୁ ପ୍ରଦାନ କରାଯିବ।</td><td></td></tr>
<tr><td>ସୁଧ ରେ ଆର୍ଥିକ ସହାୟତା (Interest Subvention)</td><td>୭% ପର୍ଯ୍ୟନ୍ତ ସୁଧ ରେ ଆର୍ଥିକ ସହାୟତା</td><td>ପ୍ରଯୁଜ୍ୟ ନୁହେଁ</td></tr>
<tr><td>କାର୍ଯ୍ୟକାରୀ ପୁଞ୍ଜି ସହାୟତା</td><td colspan="2">ଶୀତଳ ଭଣ୍ଡାର ୟୁନିଟ୍ ଗୁଡିକ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (MSME) ବିଭାଗର CM-SRIM ଯୋଜନା ଅଧୀନରେ ବ୍ୟାଙ୍କଗୁଡିକରୁ ମିଳିଥିବା ନଗଦ ଜମା କାର୍ଯ୍ୟକାରୀ ପୁଞ୍ଜି ଋଣ ଉପରେ ବ୍ୟାଙ୍କଗୁଡିକ ପ୍ରଦାନ କରିଥିବା ସୁଧର ନିମ୍ନମତେ ଫେରସ୍ତ ପାଇବାକୁ ହକଦାର ହେବେ ।<br>
<table>
<tr><th>ସ୍ତର</th><th>ବ୍ୟାଙ୍କଗୁଡିକ ଦ୍ୱାରା କାର୍ଯ୍ୟକାରୀ ପୁଞ୍ଜି ଋଣ ଅନୁମୋଦିତ ସୀମା (ତଥା ନଗଦ କ୍ରେଡିଟ୍ ସୀମା) ।</th><th>ପ୍ରଦାନ କରାଯାଇଥିବା ସୁଧର ଫେରସ୍ତ (ଶତକଡା)</th></tr>
<tr><td>ସ୍ତର -୧</td><td>୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ</td><td>୧୦୦%</td></tr>
<tr><td>ସ୍ତର -୨</td><td>୧୦ ଲକ୍ଷ ଟଙ୍କା ରୁ ଊର୍ଦ୍ଧ୍ୱ ଓ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ</td><td>୭୫%</td></tr>
<tr><td>ସ୍ତର -୩</td><td>୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଓ ୧ କୋଟି ଟଙ୍କା ପର୍ଯ୍ୟନ୍ତ</td><td>୫୦%</td></tr>
<tr><td>ସ୍ତର -୪</td><td>୧ କୋଟି ଟଙ୍କା ରୁ ଊର୍ଦ୍ଧ୍ୱ ଓ ୫ କୋଟି ଟଙ୍କା ପର୍ଯ୍ୟନ୍ତ</td><td>୨୫%</td></tr>
</table></td></tr>
<tr><td rowspan="2">ବିଦ୍ୟୁତ୍ ଶୁଳ୍କ ଉପରେ ସବସିଡି</td><td>ନୂତନ ଶୀତଳ ଭଣ୍ଡାର ୟୁନିଟ୍ କାର୍ଯ୍ୟକ୍ଷମ ହେବା ତାରିଖରୁ ସର୍ବାଧିକ ସାତ ବର୍ଷ ପର୍ଯ୍ୟନ୍ତ ସମୁଦାୟ ବିଦ୍ୟୁତ୍ ଶୁଳ୍କ ଉପରେ ୫୦% ସବସିଡି ପ୍ରଦାନ କରାଯିବ ।</td><td>ବିଦ୍ୟମାନ କାର୍ଯ୍ୟକ୍ଷମ ୟୁନିଟ୍ ଏବଂ ୟୁନିଟ୍ ଯାହା ଭବିଷ୍ୟତରେ ପୁନର୍ଜୀବିତ ହୋଇପାରେ, ସେହି ୟୁନିଟ ପାଇଁ ବିଦ୍ୟୁତ୍ ଶୁଳ୍କ ଉପରେ ୫୦% ସବସିଡି ସର୍ବାଧିକ ସାତ ବର୍ଷ ପାଇଁ ପ୍ରଦାନ କରାଯିବ ।</td></tr>
<tr><td colspan="2">ବିଦ୍ୟୁତ୍ ବିତରଣ କମ୍ପାନୀ ଦ୍ୱାରା ମାସିକ ବିଲ୍ ପ୍ରସ୍ତୁତ କରିବା ସମୟରେ ପ୍ରାପ୍ୟ ବିଦ୍ୟୁତ୍ ଶୁଳ୍କ ସବସିଡି ବିଦ୍ୟୁତ୍ ବିଲ୍‌ରୁ କାଟିଦିଆଯାଇ ବିତରଣ କମ୍ପାନୀକୁ ସରକାରଙ୍କ ଦ୍ୱାରା ସିଧାସଳଖ ଫେରସ୍ତ କରାଯିବ ।</td></tr>
<tr><td>ଅଣ-କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାରର ପୁନରୁଦ୍ଧାର</td><td>ପ୍ରଯୁଜ୍ୟ ନୁହେଁ</td><td>ଉପରୋକ୍ତ ଆର୍ଥିକ ଏବଂ ଅନ୍ୟାନ୍ୟ ସହାୟତା ସହିତ (ସ୍ଥାୟୀ ପୁଞ୍ଜି ବିନିଯୋଗ ସବସିଡି ବ୍ୟତୀତ), ସର୍ବାଧିକ ୧.୫ କୋଟି ଟଙ୍କା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଆର୍ଥିକ ସହାୟତା ପୁନରୁଦ୍ଧାର ପାଇଁ ଇଚ୍ଛୁକ ଅଣ-କାର୍ଯ୍ୟକ୍ଷମ ୟୁନିଟ୍ କ୍ଷେତ୍ରରେ ବିବେଚନା କରାଯିବ । ଶୀତଳ ଭଣ୍ଡାର ଉଦ୍ୟୋଗୀ ମାନଙ୍କର ବକେୟା ବିଦ୍ୟୁତ୍ ଦେୟ, ବକେୟା ଟ୍ୟାକ୍ସ, ବକେୟା ବ୍ୟାଙ୍କ ଦେୟ ଏବଂ ବକେୟା ଅନ୍ୟାନ୍ୟ ବିଧି ତଥା ଅଣ-ବିଧି ଦେୟ ଯାହାକି</td></tr>
</table>

| | | |
|---|---|---|
| | | ସରକାରୀ କିମ୍ବା ଜନ କଲ୍ୟାଣ ସେବା ପ୍ରଦାନକାରୀଙ୍କୁ ପ୍ରଦାନ କରାଯିବାର ଥିବ, ସେଥିପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରାଯାଇପାରିବ । |

ଖ. ଶୀତଳ ଭଣ୍ଡାର ୟୁନିଟ୍ ଗୁଡିକ ସମ୍ଭାବ୍ୟ କୃଷି ଉତ୍ପାଦନ ପୁଞ୍ଜ (Agriculture Production Cluster) ସହିତ ସଂଲଗ୍ନ କରାଯିବ । ଶୀତଳ ଭଣ୍ଡାର ସ୍ଥାପିତ ଅଞ୍ଚଳରେ କୃଷି ଉତ୍ପାଦନ ପୁଞ୍ଜ ସ୍ଥାପନ କରାଯିବ । କୃଷକ ଏବଂ ହିତାଧିକାରୀ ମାନଙ୍କ ତାଲିମ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଏ ଦିଗରେ ଶୀତଳ ଭଣ୍ଡାରର ଉଦ୍ୟୋଗୀ ମାନେ ସୁବିଧା ପ୍ରଦାନକାରୀ ସଂସ୍ଥା (Facilitating Agency) ର ଭୂମିକା ଗ୍ରହଣ କରିପାରନ୍ତି । ଏକ ହବ୍ ଏବଂ ସ୍ପୋକ ମଡେଲ୍ ଜରିଆରେ ସଂପୃକ୍ତ ଯୋଜନାଗୁଡ଼ିକର ସମ୍ମିଶ୍ରଣ ପାଇଁ ଅଂଶୀଦାର ବେସରକାରୀ ସଂସ୍ଥା (NGO) ମାନଙ୍କୁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରାଯିବ ।

ଗ. ସଂରକ୍ଷଣ ଏବଂ ପରିବହନ ସବସିଡି ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଅମଳ ପରବର୍ତ୍ତୀ ପରିଚାଳନା (Post-Harvest Management) ଯୋଜନା ମାଧ୍ୟମରେ ପ୍ରଦାନ କରାଯିବ ।

ଘ. ଏକ ନିର୍ଦ୍ଦିଷ୍ଟ ବ୍ଲକରେ ନୂତନ ଶୀତଳ ଭଣ୍ଡାର ୟୁନିଟ୍ ପ୍ରତିଷ୍ଠା ପାଇଁ ଏକାଧିକ ଆବେଦନ କ୍ଷେତ୍ରରେ, ସରକାରଙ୍କ ଠାରୁ ସର୍ବନିମ୍ନ ଆର୍ଥିକ ସହାୟତା ଆବଶ୍ୟକ କରୁଥିବା (CIS, ଇତ୍ୟାଦି) ଆବେଦନକାରୀଙ୍କୁ ଚୟନ କରାଯିବ ।

ଙ. ଏହି ଯୋଜନା ଆପିକଲ (APICOL) ମାଧ୍ୟମରେ କାର୍ଯ୍ୟକାରୀ କରାଯିବ ।

ଚ. କୃଷି ଓ କୃଷକ ସଶକ୍ତିକରଣ ବିଭାଗ କେନ୍ଦ୍ର ସରକାର ଅଧୀନରେ ଉପଲବ୍ଧ ବିଭିନ୍ନ ଯୋଜନାରୁ ପାଣ୍ଠି ବ୍ୟବହାର ପାଇଁ ଯଥା ସମ୍ଭବ ଚେଷ୍ଟା କରିବେ ।

ଛ. ଏହି ଯୋଜନା ଅଧୀନରେ ଜମି ଓ କୋଠା ଖର୍ଚ୍ଚ ପୁଞ୍ଜି ବିନିଯୋଗ ସବସିଡି (CIS) ସହାୟତା ରେ ଅନ୍ତର୍ଭୁକ୍ତ କରି ଯୋଗାଇ ଦିଆଯିବ ।

ଜ. ରାଜ୍ୟ ଯୋଜନା ଅନ୍ତର୍ଗତ "ଶୀତଳ ଭଣ୍ଡାରକୁ ବିଦ୍ୟୁତ୍ ଶୁଳ୍କ" ଏହି ଯୋଜନା ସହିତ ମିଳିତ ହେବ ଏବଂ ଏକାଭିମୁଖୀ ରୂପେ ଯୋଜନା ପ୍ରଣୟନ ସୁଗମ ହେବ ।

ଝ. ଏହି ଯୋଜନା ଅନ୍ତର୍ଗତ ସବସିଡି ଦେୟ ମୁଖ୍ୟ ମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପରି mirror account ମାଧ୍ୟମ ରେ ପ୍ରଦାନ କରାଯିବ ।

## ୪. ଆର୍ଥିକ ଅନୁମୋଦନ

ଏହି ଯୋଜନାଟିର ସୁପରିଚାଳନା ନିମନ୍ତେ ୫ବର୍ଷ ଅବଧି (୨୦୨୫-୨୬ ରୁ ୨୦୨୯-୩୦) ପାଇଁ ୨୫୨.୦୦କୋଟି ଟଙ୍କାର ବଜେଟ୍ ଅନୁମୋଦନ କରାଯାଇଛି।

**ଆଦେଶ:** ଓଡିଶାର ଅସାଧାରଣ ରାଜପତ୍ରରେ ଏହି ଅଧିସୂଚନା ପ୍ରକାଶିତ କରିବା ଏବଂ ଏହାର ନକଲଗୁଡିକ ସମସ୍ତ ବିଭାଗ କୁ ପଠାଯିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଉଛି ।

ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ

ଅରବିନ୍ଦ ପାଢୀ

**(ଡଃ. ଅରବିନ୍ଦ କୁମାର ପାଢୀ)**
**ପ୍ରମୁଖ ଶାସନ ସଚିବ**

Government of Odisha
Department of Agriculture & Farmers' Empowerment
******

# NOTIFICATION

Bhubaneswar, dated the 30th Jan, 2025

No. DHO-NHM-PLAN-0001-2025 2567 /A&FE

The State Cabinet in their 14th meeting held on 22.01.2025 have approved the proposal for provision of funds for **"Financial Assistance to Cold Storages"** scheme.

1. **Introduction**

The scheme "**Financial Assistance to Cold Storages**" is introduced with an objective to strengthen cold storage facilities and infrastructure, to establish at least one cold storage in each of the 58 sub-divisions of the state to encourage private entrepreneurs to set up cold-storages in hitherto uncovered and economically feasible locations, to enhance income of farmers by providing better market opportunities, value-addition and processing of agriculture, horticulture and allied sector commodities, to address post-harvest losses, and to prevent distress sale of harvested crops.

2. **Justification**

Quantitative and qualitative loss after harvest of fruits, and vegetables substantially affects income of growers. It is evident that poor infrastructure and knowledge gap are major determinants for post-harvest losses. Under such situation, post-harvest management is an effective intervention to minimise the loss and to increase per capita availability of fruits and vegetables. Such facilities at the sub-division level would benefit the farmers by reducing their post-harvest losses and increase the value of agricultural produce.

3. **Patterns of Assistance**

i. The patterns of assistance for the new cold storages and the existing cold storages (sick/ stressed/defunct) on different components shall be considered as detailed below:

| Patterns of Assistance | New Cold Storages | Existing Cold Storages |
|---|---|---|
| Capital Investment Subsidy | i.60% of fixed capital expenditure limited to Rs.6.50 Crore, whichever is lower for ST/ SC/ Women/ Transgender beneficiaries and beneficiaries from the Scheduled Areas.<br>ii.50% of fixed capital expenditure limited to Rs.6.00 Crore, whichever is lower for other beneficiaries. | Not Applicable |

<table>
<tr><td>Interest Subvention</td><td>Interest subvention up to 6%</td><td>Not Applicable</td></tr>
<tr><td>Working Capital Support</td><td colspan="2">Cold storage units will be entitled to reimbursement of interest paid by them to banks on Cash Credit Working Capital loans availed from banks similar to the provisions under CM-SRIM scheme of MSME Department.<br><table>
<tr><th>Slabs</th><th>Limit of Working Capital Loan Sanctioned (i.e. Cash Credit limit) by banks</th><th>Reimbursement of interest paid (in Percentage)</th></tr>
<tr><td>Slab -1</td><td>Up to Rs. 10 Lakh</td><td>100%</td></tr>
<tr><td>Slab -2</td><td>Above Rs.10 Lakh and up to Rs. 50 Lakh</td><td>75%</td></tr>
<tr><td>Slab-3</td><td>Above Rs. 50 Lakh and up to Rs. 1 Crore</td><td>50%</td></tr>
<tr><td>Slab-4</td><td>Above Rs. 1 Crore and up to Rs. 5 Crore</td><td>25%</td></tr>
</table></td></tr>
<tr><td rowspan="2">Electricity Tariff Subsidy</td><td>Tariff subsidy @50% on total electricity bill shall be given for a maximum period of seven years from the date of commencement of new cold storage units.</td><td>In case of existing operational units, and units that may be revived in future, the electricity tariff subsidy will be paid for a maximum period of 7 years.</td></tr>
<tr><td colspan="2">Electricity tariff subsidy will be factored in at the time of preparing the monthly bill by the electricity distribution company, who shall directly be reimbursed by the Government.</td></tr>
<tr><td>Revival of non-functional Cold Storages</td><td>Not Applicable</td><td>In addition to the financial and other assistances mentioned above (excepting Capital Investment subsidy), special financial assistance up to maximum Rs.1.5 Crore may be considered, on a case to case basis, in case of non-functional units willing for revival. The special financial assistance can be given only towards arrear electricity dues, arrear taxes, arrear bank dues and such other statutory and non-statutory dues to be paid to the Government or public utility service providers.</td></tr>
</table>

ii. Cold storage units will be tagged to potential APC clusters. Agriculture Production Clusters (APC) will be set up in the catchment of the Cold Storage Units. Training and capacity building of farmers and stakeholders will be taken up. Cold storage units may take up the role of facilitating agency, and Directorate of Horticulture will

provide financial assistance as being given to NGO partners, for convergence of related schemes through a hub (cold storage) and spoke model.

iii. Storage and transport subsidies will be paid through PHM scheme of Directorate of Horticulture.

iv. In case of multiple applications for establishment of new Cold Storage units in a particular Block, applicant seeking least financial assistance from Govt. (CIS, etc.) will be selected.

v. The scheme shall be implemented through APICOL.

vi. Department of Agriculture & FE will leverage funds from available schemes under Government of India, wherever possible.

vii. Capital Investment Subsidy (CIS) assistance available under this Scheme shall be provided by including cost of land and building in capital expenditure.

viii. The continuing State Sector Scheme "Electricity Tariff to Cold Stores" will be merged with this scheme to ensure convergence and smooth implementation.

ix. Subsidy payments under the scheme will be made through mirror bank accounts as per existing mechanism adopted for MKUY scheme.

**4. Financial Implications**

The scheme has been approved with a budget outlay of **Rs. 252.00 crores** over a period of **5 years from 2025-26 to 2029-30.**

**ORDER**: Ordered that the Notification be published in the Extra-Ordinary issue of the Odisha Gazette and copies thereof be forwarded to all the Departments of Government.

By order of the Governor

**(Dr. Arabinda Kumar Padhee)**
**Principal Secretary to Govt.**

Memo No. 2568 /A&FE Dated: 30th Jan, 2025

Copy forwarded to the P.S. to Deputy Chief Minister, Agriculture & Farmers' Empowerment, Energy / P.S. to Minister of State (Ind. Charge), Fisheries & Animal Resources Development, MSME / P.S to Minister, Food Supply & Consumer Welfare, Science and Technology/ P.S to Minister of State (Ind. Charge), Skill Development & Technical Education, Industries for kind information of Hon'ble Deputy Chief Minister, Agriculture & Farmers' Empowerment, Energy / Hon'ble Minister of State (Ind. Charge), Fisheries & Animal Resources Development, MSME / Hon'ble Minister, Food Supply & Consumer Welfare, Science and Technology / Hon'ble Minister of State (Ind. Charge), Skill Development & Technical Education, Industries respectively.

Additional Secretary to Govt.
30/1/25

Memo No. 2569 /A&FE Dated: 30th Jan, 2025

Copy forwarded to P.S. to the Chief Secretary, Odisha/ P.S to DC-cum-ACS/ P.S to Additional Chief Secretary, Industries Department/ OSD to Principal Secretary, Department of Agriculture & FE / P.S to Principal Secretary, MSME Department/ P.S to Principal Secretary, Food Supply & CW Department/ P.S to Principal Secretary, Fisheries & ARD Department/ P.S. to Principal Secretary, Finance Department for kind information of Chief Secretary, Odisha/ DC-cum-ACS/ Additional Chief Secretary, Industries Department / Principal Secretary, Department of Agriculture & FE/ Principal Secretary, MSME Department/ pPrincipal Secretary, Food Supply & CW Department/ Principal Secretary, Fisheries & ARD Department/ Principal Secretary, Finance Department respectively.

Additional Secretary to Govt.
30/1/25

Memo No. 2570 /A&FE Dated: 30th Jan, 2025

Copy forwarded to Director, DAFP-cum-Ex-Officio Additional Secretary to Govt./ Director, Horticulture-cum-Ex-Officio Additional Secretary to Govt./ Director, SC&WD-cum-Ex-Officio Additional Secretary to Govt./ Director, Agriculture Marketing/ Director of Fisheries, Odisha/ Director of Animal Husbandry & Veterinary Services, Odisha/ Director, Industries, Odisha/ Managing Director, APICOL for information and necessary action.

Additional Secretary to Govt.
30/1/25

Memo No. 2571 /A&FE Dated: 30th Jan, 2025

Copy along with its soft copy is forwarded to the Assistant Director (Technical), PS&P, Odisha Secretariat Branch Press, Unit-III, Kharvel Nagar, Bhubaneswar / Odisha Gazette Cell, Secretariat Branch Press, C/o- C&T (Commerce) Department (e-mail: secretariatpressbbsr@gmail.com) with a request to publish the Resolution in the extraordinary issue of the Odisha Gazette and supply 50 copies of the same to this Department for official use.

Additional Secretary to Govt.
30/1/25

Memo No. 2572 /A&FE Dated: 30th Jan, 2025

Copy forwarded to all Departments of Government for information and necessary action.

Additional Secretary to Govt.
30/1/25

Memo No. 2573 /A&FE Dated: 30th Jan, 2025

Copy forwarded to In-Charge, State Level Bankers' Committee (SLBC), UCO Bank Building, 3rd Floor C-2, Ashok Nagar, Bhubaneswar – 751009 for information and necessary action.

Additional Secretary to Govt.
30/1/25